*1953*
*ଡିସେମ୍ବର 3*

ଶିବନ୍ ଲାଲ୍ ସକ୍ସେନା

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

[ମୁଖାର୍ଜୀଆ ଏବଂ ଏନ୍. ଏଚ୍. ଭଗବତୀ ନ୍ୟାୟମୂର୍ତ୍ତିଦ୍ୱୟ]

*1952ର XXXIV ଅଧିନିୟମ ଏବଂ 1952ର LXI ଅଧିନିୟମ ଦ୍ୱାରା ସଂଶୋଧିତ 1950ର ପ୍ରତିରୋଧାତ୍ମକ ଅଟକ ଅଧିନିୟମ- ଧାରା 3 (1) (a) ଏବଂ 11- ଅଟକ କର୍ତ୍ତୃପକ୍ଷ ଅଟକ ରଖିବା ପାଇଁ ଦୁଇଟି ଆଧାର ଦର୍ଶାଇଛନ୍ତି- ଗୋଟିଏ ଆଧାର ଅସ୍ତିତ୍ୱହୀନ ବୋଲି ଜଣାପଡ଼ିଲା- ଅଟକ ରଖିବା ଆଦେଶ ବଜାୟ ରହିବାଯୋଗ୍ୟ କି ନୁହେଁ- ଗୋଟିଏ ଆଧାରରେ ଅଟକ ରଖିବା ଆଦେଶର ନିଶ୍ଚିତକରଣ ଏବଂ ଦ୍ୱିତୀୟ ଆଧାରରେ ଏହାକୁ ପରିହାର କରିବା- ଧାରା 11 ଦ୍ୱାରା ମନସ୍ଥ କରାଯାଇ ନାହିଁ ।*

ପ୍ରତିରୋଧାତ୍ମକ ଅଟକ ଅଧିନିୟମ, 1950, ଯାହା ପରବର୍ତ୍ତୀ ଅଧିନିୟମଗୁଡ଼ିକ ଦ୍ୱାରା ସଂଶୋଧିତ ହୋଇଥିଲା, ତାହାର ଧାରା 3 (1) ର ଖଣ୍ଡ (a) ର ଉପ-ଖଣ୍ଡ (ii) ଏବଂ (iii) ଅନୁଯାୟୀ ଦୁଇଟି ଆଧାରରେ ଅଟକାଦେଶ ଦିଆଯାଇଥିଲା । ଅଧିନିୟମର ଧାରା 11 ଅନୁଯାୟୀ କ୍ଷମତା ପ୍ରୟୋଗ କରି ସରକାର ଧାରା 3 (1) (a) ର ଉପ-ଖଣ୍ଡ (ii) ଅନୁଯାୟୀ ଅଟକବନ୍ଦୀ ରହିଥିବା ବ୍ୟକ୍ତିଙ୍କ ବିରୋଧରେ ଅଟକାଦେଶକୁ ସୁନିଶ୍ଚିତ କରିଥିଲେ, କିନ୍ତୁ ଧାରା 3 (1) (a) ର ଉପ-ଖଣ୍ଡ (iii) ଅନୁଯାୟୀ ଦ୍ୱିତୀୟ ଆଧାରକୁ ଦୃଷ୍ଟିରେ ରଖି ସରକାର ତାଙ୍କ ଅଟକକୁ ସମର୍ଥନ କରିନଥିଲେ ଏବଂ ଏହି ଉପ-ଖଣ୍ଡ ଅନୁଯାୟୀ ଏହାକୁ ପ୍ରତ୍ୟାହାର କରିନେଇଥିଲେ ।

ଧାରା 3 (1) (a) ଅନୁଯାୟୀ କରାଯାଇଥିବା ମୂଳ ଆଦେଶ ପୋଷଣୀୟ ନୁହେଁ ବୋଲି *ଦର୍ଶାଯାଇଛି* ।

ଯେଉଁ ଅନ୍ୟ ଆଧାରଟି ଏବେବି ରହିଛି ତାହା ଯେ ଆଦେଶ ବଜାୟ ରଖିବା ପାଇଁ ଯଥେଷ୍ଟ, ଏହା କହିବାଟା ଏକ ବସ୍ତୁନିଷ୍ଠ ନ୍ୟାୟିକ ପରୀକ୍ଷଣକୁ ବଦଳାଇ ତାହା ସ୍ଥାନରେ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷଙ୍କ ବିଷୟଗତ ନିର୍ଣ୍ଣୟ ନେବା ହେବ ଯାହାକି ବୈଧାନିକ ଭାବେ ଅନୁମୋଦିତ ଆଇନ ଅଧିନରେ ଥିବା ଆଇନ ପ୍ରଣୟନ ନୀତିର ବିରୁଦ୍ଧ ହେବ । ଏପରି କ୍ଷେତ୍ରରେ ସ୍ଥିତିଟି ସେହିପରି ସମାନ ହେବ ଯେପରିକି ସେହି ଅଧିନିୟମ ଉଦ୍ଦେଶ୍ୟରେ ଏହି ଦୁଇଟି ଆଧାର ମଧ୍ୟରୁ ଗୋଟିଏ

ଆଧାର ଅପ୍ରାସଙ୍ଗିକ ଥିଲା କିମ୍ବା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଥିଲା ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଅଟକାଦେଶକୁ ବ୍ୟର୍ଥ କରିବ ।

*କେଶବ ବନାମ ରାଜା-ସମ୍ରାଟ*[1] ମାମଲାକୁ ଉଲ୍ଲେଖ କରାଯାଇଛି ।

ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 3 ଅନୁଯାୟୀ ଅଟକାଦେଶ ଜାରି କରିବାର କ୍ଷମତା ସମ୍ପୂର୍ଣ୍ଣ ଭାବରେ ସେହି ଧାରାରେ ନିର୍ଦ୍ଦିଷ୍ଟ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସନ୍ତୋଷ ଉପରେ ନିର୍ଭର କରେ । ଯେଉଁ ଆଧାରଗୁଡ଼ିକ ଉପରେ ଏପରି ସନ୍ତୁଷ୍ଟି ଆଧାରିତ ହେବାକୁ ଉଦ୍ଦିଷ୍ଟ ଅଟେ, ସେଗୁଡ଼ିକର ପର୍ଯ୍ୟାପ୍ତତାକୁ *ମନ୍ଦ ଉଦ୍ଦେଶ୍ୟ* ବ୍ୟତୀତ ଅନ୍ୟ କୌଣସି ଆଧାରରେ ଆଇନର ନ୍ୟାୟାଳୟରେ ପ୍ରମାଣ କରିବା ନିମନ୍ତେ ଦାବି କରାଯାଇପାରିବ ନାହିଁ, ଯଦି ସେଗୁଡ଼ିକ ଏକ ଯୁକ୍ତିସଙ୍ଗତ ପ୍ରମାଣ ପ୍ରଦାୟକ ଗୁରୁତ୍ୱ ବହନ କରୁଥାଏ ଏବଂ ଆଇନଗତ ବ୍ୟବସ୍ଥାର ପରିସର କିମ୍ବା ଉଦ୍ଦେଶ୍ୟ ପାଇଁ ବାହ୍ୟ ହୋଇ ନଥାଏ ।

*ବମ୍ବେ ରାଜ୍ୟ ବନାମ ଆତ୍ମା ରାମ ଶ୍ରୀଧର ବୈଦ୍ୟ*[2] ମାମଲାକୁ ଉଲ୍ଲେଖ କରାଯାଇଛି ।

ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 11 ରେ ପରାମର୍ଶ ପରିଷଦ ଏହାର ରିପୋର୍ଟ ଦାଖଲ କରିବା ପରେ ସରକାର କ'ଣ ପଦକ୍ଷେପ ନେବେ ତାହା ଉଲ୍ଲେଖ ରହିଛି । ଯଦି ପରିଷଦର ମତରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଯଥେଷ୍ଟ କାରଣ ରହିଛି, ତେବେ ସରକାର ଅଟକାଦେଶ ନିଶ୍ଚିତ କରିପାରିବେ ଏବଂ ଉପଯୁକ୍ତ ବୋଲି ବିବେଚନା କରୁଥିବା ଅବଧି ପାଇଁ ଅଟକ ରଖିବା ଜାରି ରଖିପାରିବେ । ଅନ୍ୟପକ୍ଷରେ, ଯଦି ପରାମର୍ଶ ପରିଷଦ ମତ ଦିଅନ୍ତି ଯେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ କୌଣସି ପର୍ଯ୍ୟାପ୍ତ କାରଣ ନାହିଁ, ତେବେ ସରକାର ଅଟକ ଆଦେଶ ପ୍ରତ୍ୟାହାର କରିବାକୁ ବାଧ୍ୟ ଅଟନ୍ତି । ଏହି ମାମଲାରେ ସରକାର ଅଟକାଦେଶକୁ ସୁନିଶ୍ଚିତ କରିଛନ୍ତି ଏବଂ ତା' ସହିତ ଅଧିନିୟମର ଧାରା 3 (1) (a) ର ଉପ-ଖଣ୍ଡଗୁଡିକ ମଧ୍ୟରୁ ଗୋଟିଏ ଅଧୀନରେ ଏହାକୁ ପ୍ରତ୍ୟାହାର କରିଛନ୍ତି । ଏହି ଧାରା ଏହା ଉଲ୍ଲେଖ କରେ ନାହିଁ ।

ମୂଳ ଅଧିକରିତା: 1953 ର ଆବେଦନ ସଂଖ୍ୟା 298 । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ।

---

[1] [1943] F.C.R. 88.

[2] [1951] S.C.R. 167.

ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଓକିଲ *ବେଦ ବ୍ୟାସ* ( ତାଙ୍କ ସହିତ *ଏସ୍. କେ. କପୁର୍*) ।

ପ୍ରତିବାଦୀଙ୍କ ତରଫରୁ *ଜି. ପି. ଉନିୟାଲ୍* ।

1953. ଡିସେମ୍ବର 3. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ମୁଖାର୍ଜୀଆ- ଏହା ହେଉଛି ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ଯାହା ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରିବାକୁ ପ୍ରାର୍ଥନା କରୁଛି, ଯେଉଁଥିରେ ଆବେଦନକାରୀ ଶିବନ୍ ଲାଲ୍ ସକ୍ସେନାଙ୍କୁ, ଯାହାଙ୍କୁ ଗୋରଖପୁର ଜିଲ୍ଲା କାରାଗାରରେ ବେଆଇନ ଭାବରେ ଅଟକ ରଖାଯାଇଛି, ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରାଯାଇଛି ।

ଗୋରଖପୁର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ଆଦେଶ ଅନୁଯାୟୀ ଆବେଦନକାରୀଙ୍କୁ 5 ଜାନୁଆରୀ, 1953 ରେ ଗିରଫ କରାଯାଇଥିଲା, ଏବଂ ପରବର୍ତ୍ତୀ ଅଧିନିୟମଗୁଡ଼ିକ ଦ୍ୱାରା ସଂଶୋଧିତ ହୋଇଥିବା ପ୍ରତିରୋଧାତ୍ମକ ଅଟକ ଅଧିନିୟମ, 1950 ର ଧାରା 3 (1) ର ଖଣ୍ଡ (a) ର ଉପ-ଖଣ୍ଡ (ii) ଓ (iii) ଅନୁଯାୟୀ ଆବେଦନକାରୀଙ୍କୁ ଗୋରଖପୁରର ଜିଲ୍ଲା କାରାଗାର ଅଧୀକ୍ଷକଙ୍କ ହେପାଜତରେ ରଖିବାକୁ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇଥିଲା । ତା' ପରେ ଜାନୁଆରୀ 7 ତାରିଖରେ, ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 7 ର ବ୍ୟବସ୍ଥା ଅନୁଯାୟୀ ଅଟକବନ୍ଦୀଙ୍କୁ ଅଟକ ରଖିବାର ଆଧାରଗୁଡିକ ଜଣାଇ ଦିଆଯାଇଥିଲା ଏବଂ ଏହା ଜଣାପଡ଼େ ଯେ ସେହି ଆଧାରଗୁଡିକ ଦୁଇ ପ୍ରକାରର ଥିଲା ଯାହାକି ସେହି ଅଧିନିୟମର ଧାରା 3 (1) (a) ର ଉପ-ଖଣ୍ଡ, ଯଥାକ୍ରମେ, (ii) ଓ (iii) ଦ୍ୱାରା ବିଚାର କରାଯାଇଥିବା ଦୁଇଟି ବର୍ଗ ଅଧୀନରେ ଥିଲା । ସୂଚିତ କରାଯାଇଥିବା ଖବରରେ ପ୍ରଥମ ଅନୁଚ୍ଛେଦରେ କୁହାଯାଇଛି ଯେ କୌଣସି ତାରିଖରେ ଘୁଗଲି ଠାରେ ଅଟକବନ୍ଦୀ ରହିଥିବା ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ଭାଷଣ ସମୟରେ ସେ ସେହି ଅଞ୍ଚଳର ଆଖୁ ଚାଷୀମାନଙ୍କୁ ଚିନି କାରଖାନାଗୁଡ଼ିକୁ ଆଖୁ ଯୋଗାଣ ନକରିବାକୁ କିମ୍ବା ଏପରିକି ସେମାନଙ୍କଠାରୁ ଆସୁଥିବା ଯୋଗାଣକୁ ବନ୍ଦ କରିବାକୁ ଆହ୍ୱାନ ଏବଂ ଆଦେଶ ଦେଇଥିଲେ ଏବଂ ଏହିପରି ଭାବେ, ସେ ଜନସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକ ଥିବା ଆଖୁ ଯୋଗାଣର ବ୍ୟବସ୍ଥାରେ ହସ୍ତକ୍ଷେପ କରିଥିଲେ । ଅନୁଚ୍ଛେଦ 2 ରେ ନିର୍ଦ୍ଦିଷ୍ଟ ହୋଇଥିବା ଅନ୍ୟ ଆଧାରଟି ହେଉଛି ଯେ ଆବେଦନକାରୀ ନିଜର ଅଭିବ୍ୟକ୍ତି ବ୍ୟବହାର କରି, ଯେଉଁଥିରୁ କିଛିଟା

ସେହି ଅନୁଚ୍ଛେଦର ନିମ୍ନ ଭାଗରୁ ଉଦ୍ଧୃତ ହୋଇଥିଲା, ଆଖୁ ଚାଷୀ ଏବଂ ଜନସାଧାରଣଙ୍କୁ ପ୍ରତିଷ୍ଠିତ କର୍ତ୍ତୃପକ୍ଷଙ୍କ ବିରୋଧରେ ହିଂସା ସୃଷ୍ଟି କରିବାକୁ ଏବଂ ସରକାରୀ ଅଧିକାରୀଙ୍କ ଦ୍ୱାରା ଜାରି ହୋଇଥିବା ବିଧି ସମ୍ମତ ଆଦେଶ ଏବଂ ନିର୍ଦ୍ଦେଶଗୁଡ଼ିକୁ ଅବମାନନା କରିବାକୁ ଉତ୍ତେଜିତ କରିଥିଲେ ଏବଂ ଏହିପରି ଭାବେ ସେ ସାର୍ବଜନୀନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତର ଭାବରେ ପ୍ରତିକୂଳ ପ୍ରଭାବ ପକାଇଥିଲେ ।

ଆବେଦନକାରୀ 3 ଫେବୃୟାରୀ 1953 ରେ ଅଟକାଦେଶ ବିରୁଦ୍ଧରେ ତାଙ୍କର ନିବେଦନ ପତ୍ର ଉପସ୍ଥାପନ କରିଥିଲେ ଏବଂ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 8 ଅନୁଯାୟୀ ଗଠିତ ପରାମର୍ଶ ପରିଷଦ 23 ଫେବୃୟାରୀରେ ଏହାର ଲକ୍ଷ୍ନୌ ସ୍ଥିତ ବୈଠକରେ ତାଙ୍କ ମାମଲାର ବିଚାର/ଅନୁଧ୍ୟାନ କରିଥିଲେ । ପରାମର୍ଶ ପରିଷଦ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଭାବରେ ଶୁଣାଣି କରିଥିଲେ ଏବଂ ଏହାର ରିପୋର୍ଟ ଦାଖଲ କରିବା ପରେ, 13 ମାର୍ଚ୍ଚ,1953 ରେ ଆବେଦନକାରୀଙ୍କୁ ଉତ୍ତର ପ୍ରଦେଶ ସରକାରଙ୍କ ତରଫରୁ ଏକ ଖବର କରାଯାଇଥିଲା, ଯେଉଁଥିରେ ତାଙ୍କୁ ସୂଚନା ଦିଆଯାଇଥିଲା ଯେ ସରକାର, ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 11 ଅନୁଯାୟୀ କ୍ଷମତା ପ୍ରୟୋଗ କରି, ଧାରା 3 (1) (a) ର ଉପ-ଖଣ୍ଡ (ii) ଅନୁଯାୟୀ ତାଙ୍କ ବିରୋଧରେ ଅଟକାଦେଶକୁ ସୁନିଶ୍ଚିତ କରାଯାଇଥିଲା ଏବଂ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କିମ୍ବା ଅଟକ ରଖିବା ତାରିଖ ଠାରୁ 12 ମାସ ଅବଧି ପର୍ଯ୍ୟନ୍ତ ତାଙ୍କ ଅଟକକୁ ଜାରି ରଖିବାକୁ ଅନୁମୋଦନ କରାଯାଇଥିଲା । ଏହି ଖବରର ଦ୍ୱିତୀୟ ଅନୁଚ୍ଛେଦଟି ନିମ୍ନରେ ଦିଆଗଲା:

"ଅଟକବନ୍ଦୀଙ୍କୁ ଦୟାକରି ଅବଗତ କରାଯାଇପାରେ ଯେ ଏହି ପରାମର୍ଶ ପରିଷଦ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 3 ର ଉପଧାରା (1) ର ଖଣ୍ଡ (a) ର ଉପ-ଖଣ୍ଡ (iii) ଅନୁଯାୟୀ ତାଙ୍କ ଅଟକକୁ ସମର୍ଥନ କରିନଥିଲା । ତେଣୁ ସରକାର ଏହି ଉପ-ଖଣ୍ଡ ଅନୁଯାୟୀ ତାଙ୍କ ଅଟକକୁ ପ୍ରତ୍ୟାହାର କରିଛନ୍ତି" ।

ଆବେଦନକାରୀ ବର୍ତ୍ତମାନ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏକ ଆବେଦନ ସହିତ ଆମ୍ଭ ସମ୍ମୁଖକୁ ଆସିଛନ୍ତି ଏବଂ ଆବେଦନକାରୀଙ୍କ ସମର୍ଥନରେ ହାଜର ହୋଇଥିବା ଶ୍ରୀ ବେଦ ବ୍ୟାସ ତାଙ୍କ ମହକିଲଙ୍କ ବିରୁଦ୍ଧରେ ଦିଆଯାଇଥିବା ଅଟକାଦେଶର ବୈଧତାକୁ ସାରତଃ ଦୁଇଟି ଆଧାରରେ ଆପତ୍ତି କରିଛନ୍ତି ।

*1953*

*ଶିବନ୍ ଲାଲ୍ ସକ୍ସେନା*
*ବନାମ*
*ଉତ୍ତର ପ୍ରଦେଶ ରାଜ୍ୟ*
*ଏବଂ ଅନ୍ୟମାନେ*

ନ୍ୟାୟମୂର୍ତ୍ତି ମୁଖାର୍ଜୀଆ

ପ୍ରଥମତଃ ଏହା ଯୁକ୍ତି କରାଯାଏ ଯେ ଆବେଦନକାରୀଙ୍କ ଉପରେ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 7 ଅନୁଯାୟୀ ଲାଗୁ କରାଯାଇଥିବା ଆଧାରଗୁଡିକରୁ ଏହା ସ୍ପଷ୍ଟ ଜଣାପଡ଼େ ଯେ ଆବେଦନକାରୀଙ୍କୁ ତାଙ୍କ ସ୍ୱାଧୀନତାରୁ ବଞ୍ଚିତ କରୁଥିବା ଯେଉଁ ଆଧାରଗୁଡିକ ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ପାଖରେ ଥିଲା ସେଗୁଡିକ ହେଉଛି- ତାଙ୍କର କାର୍ଯ୍ୟକଳାପଗୁଡ଼ିକ, ପ୍ରଥମରେ, ଜନସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକ ଯୋଗାଣ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ଏବଂ ଦ୍ୱିତୀୟରେ ସାର୍ବଜନୀନ ଶୃଙ୍ଖଳା ରକ୍ଷା କରିବା ପାଇଁ କ୍ଷତିକାରକ ଥିଲା । 13 ମାର୍ଚ୍ଚ, 1953 ରେ ଆବେଦନକାରୀଙ୍କୁ ସମ୍ବୋଧିତ କରି ଉତ୍ତର ପ୍ରଦେଶ ରାଜ୍ୟ ଦେଇଥିବା ଖବରରୁ ଏହା ଜଣାପଡ଼େ ଯେ ପ୍ରଥମ ଆଧାରଟି ଏକ ତଥ୍ୟ ଭାବରେ ବିଦ୍ୟମାନ ନଥିଲା ଏବଂ ବାସ୍ତବରେ ଉତ୍ତର ପ୍ରଦେଶ ସରକାର ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 3 (1) (a) ର ଉପ-ଖଣ୍ଡ (iii) ଅନୁଯାୟୀ ଅଟକାଦେଶ ପ୍ରତ୍ୟାହାର କରିବାକୁ ଚାହୁଁଥିଲେ । ଏହି ପରିସ୍ଥିତିରେ, ଏହା ଯୁକ୍ତି କରାଯାଇଛି ଯେ ମୂଳତଃ ଦିଆଯାଇଥିବା ଅଟକାଦେଶ ତିଷ୍ଠି ରହିପାରିବ ନାହିଁ, କାରଣ ଯଦି ଅଟକ ରଖିବା କର୍ତ୍ତୃପକ୍ଷ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଦୁଇଟି ଆଧାରରେ ଅଗ୍ରସର ହୁଅନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ ଗୋଟିକର ଅସ୍ତିତ୍ୱ ନାହିଁ କିମ୍ବା ଅପ୍ରାସଙ୍ଗିକ ବୋଲି ସ୍ୱୀକାର କରାଯାଏ, ତେବେ ସମ୍ପୂର୍ଣ୍ଣ ଆଦେଶଟି ବ୍ୟର୍ଥ ହୋଇଯାଏ କାରଣ କେହି କହିପାରିବେ ନାହିଁ ଯେ ଅଟକ ରଖିବା କର୍ତ୍ତୃପକ୍ଷଙ୍କ ମନରେ ମନ୍ଦ ଆଧାରଟି କେତେ ମାତ୍ରାରେ କାର୍ଯ୍ୟ କରିଥିଲା ।

ବିଜ୍ଞ ଓକିଲଙ୍କ ଦ୍ୱାରା ଉଠାଯାଇଥିବା ଅନ୍ୟ ଯୁକ୍ତିଟି ହେଉଛି ଯେ ଦ୍ୱିତୀୟ ଆଧାର ସମ୍ବନ୍ଧରେ ତାଙ୍କ ମହକିଲଙ୍କୁ ଦିଆଯାଇଥିବା ବିବରଣୀ ସ୍ପଷ୍ଟ ଭାବରେ ପର୍ଯ୍ୟାପ୍ତ ନୁହେଁ ଏବଂ ଆଂଶିକ ସ୍ୱରୂପର ଅଟେ ଏବଂ ଅଟକାଦେଶର ବିରୁଦ୍ଧରେ ଏକ ପ୍ରଭାବଶାଳୀ ପ୍ରତିବେଦନ କରିବାକୁ ତାଙ୍କୁ ସକ୍ଷମ କରେ ନାହିଁ ।

ଆମ୍ଭେ ଏହା ତୁରନ୍ତ କହିପାରିବୁ ଯେ ଦ୍ୱିତୀୟ ଯୁକ୍ତିଟି ଆମ୍ଭକୁ ପ୍ରଭାବିତ କରୁ ନାହିଁ । ଏହା ସତ୍ୟ ଯେ ସମ୍ବିଧାନର ଅନୁଚ୍ଛେଦ 22 (5) ରେ ସନ୍ନିବେଶିତ ବ୍ୟବସ୍ଥା ଅନୁଯାୟୀ ଜଣେ ଅଟକବନ୍ଦୀଙ୍କୁ ଦିଆଯାଇଥିବା ବିବରଣୀର ପର୍ଯ୍ୟାପ୍ତତା ଏକ ବିଚାରଯୋଗ୍ୟ ପ୍ରସଙ୍ଗ, ଏଠାରେ ପରୀକ୍ଷଣ ହେବା ବିଷୟ ଏହା ଯେ ସେଗୁଡ଼ିକ ଏକ ପ୍ରଭାବଶାଳୀ ପ୍ରତିବେଦନ କରିବାକୁ ଅଟକବନ୍ଦୀଙ୍କୁ ସକ୍ଷମ କରିବାକୁ ଯଥେଷ୍ଟ କି ନୁହେଁ; କିନ୍ତୁ ଆମ୍ଭେ ସନ୍ତୁଷ୍ଟ ନାହୁଁ ଯେ ବର୍ତ୍ତମାନର ମାମଲାରେ ଅଟକବନ୍ଦୀଙ୍କୁ ଦିଆଯାଇଥିବା ବିବରଣୀ ପ୍ରକୃତରେ ପର୍ଯ୍ୟାପ୍ତ ନଥିଲା ଏବଂ ସାମ୍ବିଧାନିକ ଆବଶ୍ୟକତା ଠାରୁ କମ୍ ଥିଲା । ତେଣୁ, ଆମ୍ଭେ ଭାବୁନାହୁଁ ଯେ ଏହି ଯୁକ୍ତିରେ କୌଣସି ସାର ରହିଛି ।

*1953*

*ଶିବନ୍ ଲାଲ୍ ସକ୍ସେନା ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*

ନ୍ୟାୟମୂର୍ତ୍ତି ମୁଖାର୍ଜୀଆ

ବିଜ୍ଞ ଓକିଲଙ୍କ ଦ୍ୱାରା ଉଠାଯାଇଥିବା ପ୍ରଥମ ଯୁକ୍ତି, ସେ ଯାହା ହେଉ ନା କାହିଁକି, କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରେ ଯାହାକୁ ଯତ୍ନ ସହକାରେ ବିଚାର କରିବା ଆବଶ୍ୟକ ଅଟେ । ଏହି ନ୍ୟାୟାଳୟଙ୍କ ଦ୍ୱାରା ବାରମ୍ବାର କୁହାଯାଇଛି ଯେ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 3 ଅନୁଯାୟୀ ଅଟକାଦେଶ ଜାରି କରିବାର କ୍ଷମତା ସମ୍ପୂର୍ଣ୍ଣ ଭାବରେ ସେହି ଧାରା ନିର୍ଦ୍ଦିଷ୍ଟ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସନ୍ତୋଷ ଉପରେ ନିର୍ଭର କରେ । ଯେଉଁ ଆଧାରଗୁଡ଼ିକ ଉପରେ ଏପରି ସନ୍ତୁଷ୍ଟି ଆଧାରିତ ହେବାକୁ ଉଦ୍ଦିଷ୍ଟ ଅଟେ, ସେଗୁଡ଼ିକର ପର୍ଯ୍ୟାପ୍ତତାକୁ *ମନ୍ଦ ଉଦ୍ଦେଶ୍ୟ*[1] ବ୍ୟତୀତ ଅନ୍ୟ କୌଣସି ଆଧାରରେ ଆଇନର ନ୍ୟାୟାଳୟରେ ପ୍ରମାଣ କରିବା ନିମନ୍ତେ ଦାବି କରାଯାଇପାରିବ ନାହିଁ, ଯଦି ସେଗୁଡ଼ିକ ଏକ ଯୁକ୍ତିସଙ୍ଗତ ପ୍ରମାଣ ପ୍ରଦାୟକ ଗୁରୁତ୍ୱ ବହନ କରୁଥାଏ ଏବଂ ଆଇନଗତ ବ୍ୟବସ୍ଥାର ପରିସର କିମ୍ବା ଉଦ୍ଦେଶ୍ୟ ପାଇଁ ବାହ୍ୟ ହୋଇ ନଥାଏ । ଉକ୍ତ ଅଧିନିୟମର ଧାରା 7 ଅନୁଯାୟୀ ଅଟକବନ୍ଦୀଙ୍କୁ ହୋଇଥିବା ଖବରରେ ଅଟକ ରଖିବାର ଆଧାର ଭାବରେ ଉଲ୍ଲେଖ କରାଯାଇଥିବା ତଥ୍ୟର ସତ୍ୟତା କିମ୍ବା ଅନ୍ୟଥାକୁ ଅନୁସନ୍ଧାନ କରିବାକୁ ମଧ୍ୟ ଏକ ନ୍ୟାୟାଳୟ ଆଇନଗତ ଭାବେ ସକ୍ଷମ ନୁହଁନ୍ତି । ତେବେ ଏହି ମାମଲାରେ ଯାହା ଘଟିଛି ତାହା କିଛି ମାତ୍ରାରେ ବିଚିତ୍ର ଅଟେ । 13 ମାର୍ଚ୍ଚ, 1953 ରେ ନିଜେ ସରକାର ଏକଥା ସ୍ପଷ୍ଟ ଭାବେ ସ୍ୱୀକାର କରିଛନ୍ତି ଯେ ସେହି ଆଧାର ଗୁଡିକ ମଧ୍ୟରୁ ଗୋଟିଏ ଆଧାର ଯାହାକୁ ନେଇ ମୂଳ ଅଟକାଦେଶ ଦିଆଯାଇଥିଲା ତାହା ଅସ୍ତିତ୍ୱହୀନ କିମ୍ବା ଅବିଦ୍ୟମାନ ଥିଲା ଏବଂ ତାହା ଏକ ଅଟକାଦେଶର ଆଧାର ହୋଇପାରିବ ନାହିଁ । ପ୍ରଶ୍ନ ହେଉଛି, ଏହି ପରିସ୍ଥିତିରେ ଉକ୍ତ ଅଧିନିୟମର ଧାରା 3 (1) (a) ଅନୁଯାୟୀ ଦିଆଯାଇଥିବା ମୂଳ ଆଦେଶକୁ ରହିବା ପାଇଁ ଅନୁମତି ଦିଆଯାଇପାରିବ କି ନାହିଁ । ଆମ୍ଭ ମତରେ, ଏହାର ଉତ୍ତର କେବଳ 'ନାଁ' ହିଁ ହେବ । ଅଟକ ରଖିବା କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ ଅଟକ ରଖିବା ପାଇଁ ଏଠାରେ ଦୁଇଟି ଆଧାର ଦର୍ଶାଇଥିଲେ । ଏହି ଆଧାରଗୁଡ଼ିକ ଭଲ କି ମନ୍ଦ ତାହା ଆମ୍ଭେ ସ୍ଥିର କରିପାରିବୁ ନାହିଁ, କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ମନରେ ଏହି ଆଧାରଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି କେଉଁ ଉପାୟରେ ଏବଂ କେତେ ପରିମାଣରେ କାର୍ଯ୍ୟ କରୁଥିଲା ଏବଂ ସନ୍ତୋଷ ସୃଷ୍ଟି କରିବାରେ ଅବଦାନ ରଖିଥିଲା ତାହା ଆକଳନ କରିବାକୁ ଆମେ ଚେଷ୍ଟା କରିପାରିବୁ ନାହିଁ ଯାହା ଆଧାରରେ ଅଟକାଦେଶ ଦିଆଯାଇଥିଲା । ଯେଉଁ ଅନ୍ୟ ଆଧାରଟି ଏବେବି ରହିଛି ତାହା ଯେ ଆଦେଶ ବଜାୟ ରଖିବା ପାଇଁ ଯଥେଷ୍ଟ, ଏହା କହିବାଟା ଏକ ବସ୍ତୁନିଷ୍ଠ ନ୍ୟାୟିକ ପରୀକ୍ଷଣକୁ ବଦଳାଇ ତାହା ସ୍ଥାନରେ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷଙ୍କ ବିଷୟଗତ ନିର୍ଣ୍ଣୟ ନେବା ହେବ ଯାହାକି ବୈଧାନିକ ଭାବେ ଅନୁମୋଦିତ ଆଇନ ଅଧିନରେ ଥିବା ଆଇନ ପ୍ରଣୟନ ନୀତିର ବିରୁଦ୍ଧ ହେବ । ଆମ୍ଭେ ଭାବୁଛୁ ଯେ ଏପରି କ୍ଷେତ୍ରରେ ସ୍ଥିତିଟି ସେହିପରି ସମାନ ହେବ ଯେପରିକି ସେହି ଅଧିନିୟମ ଉଦ୍ଦେଶ୍ୟରେ ଏହି ଦୁଇଟି ଆଧାର ମଧ୍ୟରୁ ଗୋଟିଏ ଆଧାର ଅପ୍ରାସଙ୍ଗିକ ଥିଲା କିମ୍ବା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଥିଲା ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଅଟକାଦେଶକୁ ବ୍ୟର୍ଥ କରିବ । ଏହି ନୀତି, ଯାହାକି *କେଶବ ତଲପଡ଼େ ବନାମ ରାଜା-ସମ୍ରାଟ*[2] ମାମଲାରେ ସଂଘୀୟ

[1] *ବମ୍ବେ ରାଜ୍ୟ ବନାମ ଆତ୍ମା ରାମ ଶ୍ରୀଧର ବୈଦ୍ୟ, [1951] S.C.R. 167. ଦେଖନ୍ତୁ*

[2] [1943] F.C.R. 88.

ଅଦାଲତ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିଲା, ଏହି ମାମଲାର ତଥ୍ୟ ପାଇଁ ଆମ୍ଭକୁ ବେଶ ଦୃଢ ଏବଂ ପ୍ରଯୁଜ୍ୟ ବୋଲି ମନେ ହୁଏ ।

ଆମ୍ଭେ ଉଲ୍ଲେଖ କରିବାକୁ ଚାହୁଁ ଯେ ସରକାର ଏହି ମାମଲାରେ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 11 ଅନୁଯାୟୀ ଯେଉଁ ଆଦେଶ ଦେବାକୁ ଚାହୁଁଥିଲେ ତାହା ସେହି ଧାରାର ବ୍ୟବସ୍ଥା ସହିତ ସୁସଂଗତ ନୁହେଁ । ଧାରା 11 ରେ କୁହାଯାଇଛି ଯେ ପରାମର୍ଶ ପରିଷଦ ଏହାର ରିପୋର୍ଟ ଦାଖଲ କରିବା ପରେ ସରକାର କ 'ଣ ପଦକ୍ଷେପ ନେବେ । ଯଦି ପରିଷଦର ମତରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଯଥେଷ୍ଟ କାରଣ ରହିଛି, ତେବେ ସରକାର ଅଟକାଦେଶ ନିଶ୍ଚିତ କରିପାରିବେ ଏବଂ ଉପଯୁକ୍ତ ବୋଲି ବିବେଚନା କରୁଥିବା ଅବଧି ପାଇଁ ଅଟକ ରଖିବା ଜାରି ରଖିପାରିବେ । ଅନ୍ୟପକ୍ଷରେ, ଯଦି ପରାମର୍ଶ ପରିଷଦ ମତ ଦିଅନ୍ତି ଯେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ କୌଣସି ପର୍ଯ୍ୟାପ୍ତ କାରଣ ନାହିଁ, ତେବେ ସରକାର ଅଟକ ଆଦେଶ ପ୍ରତ୍ୟାହାର କରିବାକୁ ବାଧ୍ୟ ଅଟନ୍ତି । ଏହି ମାମଲାରେ ସରକାର ଅଟକାଦେଶକୁ ସୁନିଶ୍ଚିତ କରିଛନ୍ତି ଏବଂ ତା' ସହିତ ଅଧିନିୟମର ଧାରା 3 (1) (a) ର ଉପ-ଖଣ୍ଡଗୁଡିକ ମଧ୍ୟରୁ ଗୋଟିଏ ଅଧୀନରେ ଏହାକୁ ପ୍ରତ୍ୟାହାର କରିଛନ୍ତି । ଏହି ଧାରା ଏହା ଦର୍ଶାଏ କରେ ନାହିଁ । ସରକାର ଧାରା 3 ଅନୁଯାୟୀ ଦିଆଯାଇଥିବା ଅଟକାଦେଶକୁ ସୁନିଶ୍ଚିତ କରିପାରିବେ କିମ୍ବା ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିପାରିବେ ଏବଂ ଯଦି ସରକାର ଚାହିଁବେ ଏକ ନୂତନ ଅଟକାଦେଶ ଦେବା ପାଇଁ ତେବେ ଆଇନରେ ଏପରି କୌଣସି ବ୍ୟବସ୍ଥା ନାହିଁ ଯାହା ସରକାରଙ୍କୁ ଏହା କରିବାରେ ବାଧା ଦେବ । ଏହି ମାମଲାରେ, ଆମ୍ଭ ପାଖରେ ଏହା କହିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ଯେ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 3 (1) (a) ଅନୁଯାୟୀ 5 ଜାନୁଆରୀ, 1953 ରେ ଦିଆଯାଇଥିବା ଆଦେଶ ଆଇନ ଆଗରେ ତ୍ରୁଟିଯୁକ୍ତ ଅଟେ ଏବଂ ଫଳସ୍ୱରୂପ, ଆବେଦନକାରୀଙ୍କୁ ଅଟକ ରଖିବା ଅବୈଧ ଅଟେ । ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଆବେଦନକାରୀଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଆବେଦନକୁ ଅନୁମତି ଦିଆଗଲା ।

ଆବେଦନକାରୀଙ୍କ ତରଫରୁ ପ୍ରତିନିଧି: *ଗଣପତ୍ ରାୟ* ।

ଉତ୍ତରଦାତାଙ୍କ ତରଫରୁ ପ୍ରତିନିଧି: *ସି. ପି. ଲାଲ୍* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।